ସ୍ୱାଗତଂ ଓଡ଼ିଶା

# ଡୁମାଣୀ ଖବର
Dumani Khabar (Odia Daily)

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

Visit us: www.dumanikhabar.in • e-paper.dumanikhabar.in

DUMANI TV
Follow us:

ବର୍ଷ-୬ ସଂଖ୍ୟା-୧୨୬ | ବୁଧବାର | ୩୦ ଜୁଲାଇ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-126 | Wednesday 30 July 2025 | Bhubaneswar | Pages-8 | Rs. 2.00

### ସଂସଦରେ ବର୍ଷିଲେ ପିଏମ୍ ମୋଦି

## ‘ସିନ୍ଦୂରରୁ ନେଇ ସିନ୍ଧୁ ପର୍ଯ୍ୟନ୍ତ ପାକିସ୍ତାନକୁ ପରିଣାମ ଭୋଗିବାକୁ ପଡିଛି, କଂଗ୍ରେସ କେବଳ ହୀନ ରାଜନୀତି କରୁଛି’



ନୂଆଦିଲ୍ଲୀ, ୨୯।୭ (ହି.ସ): ସଂସଦର ମୌସୁମୀ ଅଧିବେଶନରେ ‘ଅପରେସନ୍ ସିନ୍ଦୂର’କୁ ନେଇ ଜାରି ରହିଛି ଚର୍ଚ୍ଚା। ବିରୋଧି ଦଳ ନେତା ରାହୁଲଙ୍କ ଗାନ୍ଧି କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି କେନ୍ଦ୍ର ସରକାର ସଶସ୍ତ୍ରବଳଙ୍କୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦେଇ ଦେଇନାହାନ୍ତି। ଏହାର ଉତ୍ତର ରଖିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେ କହିଛନ୍ତି, ମୁଁ ସଂସଦ ଅଧିବେଶନର ଆରମ୍ଭରୁ ସଦସ୍ୟଙ୍କୁ ଅପିଲ କରୁଛି ଯେ, ଏହା ଭାରତର ବିଜୟ ଉତ୍ସବର ଅଧିବେଶନ। ଏହି ଅଧିବେଶନ ଭାରତର ଗୌରବର ଅଧିବେଶନ। ଯେତେବେଳେ ମୁଁ ବିଜୟ ଉତ୍ସବ କଥା କହୁଛି ଏହା ଆତଙ୍କର ହେଡକ୍ୱାଟରକୁ ମାଟିରେ ମିଶାଇଛି। ଯେତେବେଳେ ବିଜୟ ଉତ୍ସବ କହୁଛି ୧୪୦ କୋଟି ଭାରତୀୟଙ୍କ ଏକତା, ଇଚ୍ଛାଶକ୍ତି, ଅପ୍ରତୀମ ବିଜୟର ବିଜୟ ଉତ୍ସବକୁ ଅନୁଭବ କରୁଛି। ଯେଉଁମାନଙ୍କୁ ଭାରତର ପକ୍ଷ ଦେଖାଯାଉନି, ତାଙ୍କୁ ଆଇନା ଦେଖାଇବାକୁ ମୁଁ ଏଇଠି ଠିଆ ହୋଇଛି। ଏବେ ବି ‘ଅପରେସନ ସିନ୍ଦୂର’ ଜାରି ରହିଛି। ପୁଣି ପାକିସ୍ତାନ ଦୁଃସାହାସ କଲେ ମିଳିବ କଡା ଜବାବ୍। ‘ଅପରେସନ ସିନ୍ଦୂର’ରୁ ନେଇ ସିନ୍ଧୁ ଜଳ ଚୁକ୍ତି ପର୍ଯ୍ୟନ୍ତ ପାକିସ୍ତାନ ଏହାର ପରିଣାମ ଭୋଗିଛି।’ ପିଏମ୍ ମୋଦି ପହଲଗାମ୍ ହମଲାକୁ ଜଘନ୍ୟ ଘଟଣା ବୋଲି କହିଛନ୍ତି। ସେ କହିଛନ୍ତି, ଏହା ଦେଶରେ ଦଙ୍ଗା ସୃଷ୍ଟି କରିବାକୁ ଆତଙ୍କବାଦୀଙ୍କ ଷଡଯନ୍ତ୍ର ଥିଲା। ନିର୍ଦୋଷ ନାଗରିକଙ୍କୁ ଧର୍ମ ପଚାରି ହତ୍ୟା କରାଯାଇଥିଲା। ଦେଶବାସୀ ଏହି ଷଡଯନ୍ତ୍ରକୁ ବିଫଳ କଲେ। ୨୨ ଅପ୍ରେଲରେ ମୁଁ ବିଦେଶରେ ଥିଲି। ଫେରିବା ମାତ୍ରେ ବୈଠକ ଡକାଇଲି। ଆତଙ୍କବାଦୀଙ୍କ ମାଷ୍ଟରମାଇଣ୍ଡଙ୍କୁ କଡା ଜବାବ୍ ଦେବାକୁ କହିଥିଲି। ସେନାକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଥିଲା। କାରଣ ଆମକୁ ସେନାର କ୍ଷମତା ଓ ସାମର୍ଥ୍ୟ ଉପରେ ସମ୍ପୂର୍ଣ୍ଣ ଭରସା ଥିଲା। ଆମେ ଗର୍ବିତ ଯେ, ୬ ଓ ୭ମଇ ରାତିରେ ଆମେ ଯେଉଁଭଳି କଡା ଜବାବ୍ ଦେଇଛୁ। ୨୨ ଅପ୍ରେଲର ପ୍ରତିଶୋଧ ଆମେ ୨୨ ମିନିଟରେ ନେଇଛୁ। ଆମେ ପାକିସ୍ତାନ ଭିତରେ ପଶି ମାରିଲୁ। ଆଜି ବି ପାକିସ୍ତାନର ବହୁ ଏୟାରବେସ୍ ଆଇସିୟୁରେ ପଡିଛି। ଯେଉଁଭଳି ଭାବିଥିଲୁ ସେଭଳି କଲୁ। ଏହା ଟେକ୍ନୋଲୋଜିର ୱାରଫେୟାରର ଯୁଗ। ଆମର ମେଡ ଇନ୍ ଇଣ୍ଡିଆ ମିସାଇଲ ଓ ଟେକ୍ନୋଲୋଜି ‘ଅପରେସନ୍ ସିନ୍ଦୂର’ ବେଳେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି ଆକ୍ରମଣ ପରେ ଆତଙ୍କୀଙ୍କ ମାଷ୍ଟରମାଇଣ୍ଡଙ୍କ ନିଦ ହଜି ଯାଇଛି। ଏବେ କୌଣସି ନ୍ୟୁକ୍ଲିଅର ବ୍ଲାକମେଲିଂ ଚାଲିବନି। ଜାତିସଂଘରେ ୧୯୩ଟିରୁ କେବଳ ୩ଟି ଦେଶ ପାକିସ୍ତାନକୁ ସମର୍ଥନ ଦେଇଥିଲେ। କ୍ୱାଡ, ବ୍ରିକ୍ସ ହେଉ କିମ୍ବା ଯେ କୌଣସି ଦେଶ ଭାରତକୁ ସମର୍ଥନ କରିଛି। କିନ୍ତୁ ଦୁର୍ଭାଗ୍ୟର କଥା ମୋ ଦେଶର ବୀରଙ୍କ ପରାକ୍ରମକୁ କଂଗ୍ରେସର ସମର୍ଥନ ମିଳିଲାନି। ଭାରତର ସେନା ଉପରେ ତାଙ୍କର ଭରସା ନାହିଁ। ଏଭଳି କରି ସେମାନେ ଦେଶର ଓ ସେନାର ମନୋବଳ ଭାଙ୍ଗୁଛନ୍ତି, ପହଲଗାମ୍ ଆକ୍ରମଣରେ ରାଜନୀତି କରୁଛନ୍ତି। ସେମାନ ହେଡଲାଇନ୍ସ ନେଇପାରିବେ, କିନ୍ତୁ ଦେଶବାସୀଙ୍କ ହୃଦୟରେ ସ୍ଥାନ ନେଇପାରିବେନି। ମୋଦି କହିଛନ୍ତି, ଭାରତର ପ୍ରଚଣ୍ଡ ଆକ୍ରମଣ ପରେ ପାକିସ୍ତାନ ଡିଜିଏମ୍ଓ • ପୃଷ୍ଠା ୭ ଦେଖନ୍ତୁ...

### ଆକାଂକ୍ଷା ହାଟ ଅଭିଯାନର ଶୁଭାରମ୍ଭ

## ଦୁର୍ଗମ ଜିଲ୍ଲାକୁ ଯୋଗାଯୋଗ ଏବଂ ପରିବହନକୁ ପ୍ରାଥମିକତାକୁ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ




ଭୁବନେଶ୍ୱର, ୨୯।୭ (ହି.ସ): ରାଜ୍ୟ କନଭେନସନ କେନ୍ଦ୍ର ଠାରେ ଯୋଜନା ଏବଂ ସଂଯୋଜନ ବିଭାଗ ପକ୍ଷରୁ ଆୟୋଜିତ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଠାରୁ ଏକ ସପ୍ତାହ ବ୍ୟାପି ଆକାଂକ୍ଷା ହାଟ ଅଭିଯାନ ଆରମ୍ଭ କରିବା ପାଇଁ ଘୋଷଣା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ, ସ୍ଥାନୀୟ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଆସ୍ପିରେସନାଲ ଜିଲ୍ଲା ଏବଂ ବ୍ଲକ କାର୍ଯ୍ୟକ୍ରମ ଏକ ସଫଳ ମଡେଲ ସାବ୍ୟସ୍ତ ହୋଇଛି ବୋଲି କହିବା ସହିତ ଆଗାମୀ ଦିନମାନଙ୍କରେ ଆକାଂକ୍ଷୀ ଜିଲ୍ଲାମାନଙ୍କର ଆକାଂକ୍ଷା ପୂରଣ ହେବ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆସ୍ପିରେସନାଲ ଜିଲ୍ଲା ଏବଂ ବ୍ଲକ କାର୍ଯ୍ୟକ୍ରମରେ ତୃଣମୂଳ ସ୍ତରରେ ଯୋଜନା କିପରି କାର୍ଯ୍ୟକାରୀ କରାଯାଇ ପାରିବ ତା ଉପରେ ଗୁରୁତ୍ୱ ଦିଆଯାଉଛି। ସ୍ୱାସ୍ଥ୍ୟ ଓ ପୋଷଣ, ଶିକ୍ଷା, କୃଷି, ଜଳସମ୍ପଦ, ଆର୍ଥିକ ଅନ୍ତର୍ଭୁକ୍ତିକରଣ ଏବଂ ଦକ୍ଷତା ବିକାଶକୁ ଆଧାର କରି ସାମାଜିକ ଅର୍ଥନୈତିକ ସୂଚକାଙ୍କ ମାଧ୍ୟମରେ ସମାବେଶୀ ବିକାଶର ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରାଯାଉଛି। ଜିଲ୍ଲା ପରେ ଏବେ ବ୍ଲକକୁ ଏହି ଯୋଜନାର ସମ୍ପ୍ରସାରଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୩ଟି ସି, ଯଥା- ସମ୍ମିଶ୍ରଣ ଅର୍ଥାତ କେନ୍ଦ୍ର ଓ ରାଜ୍ୟ ଯୋଜନାର ସମନ୍ୱୟ, ସହଯୋଗ ଅର୍ଥାତ- କେନ୍ଦ୍ର, ରାଜ୍ୟ, ଜିଲ୍ଲା ଓ ନାଗରିକଙ୍କ ମଧ୍ୟରେ ସହଯୋଗ, ଏବଂ ପ୍ରତିଯୋଗିତା ଅର୍ଥାତ- ପ୍ରମୁଖ ପ୍ରଦର୍ଶନ ସୂଚକାଙ୍କରେ ଜିଲ୍ଲାମାନଙ୍କ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା ଉପରେ ଗୁରୁତ୍ୱ ଦିଆଯାଇଛି। ଦୁର୍ଗମ ଏବଂ ଅଳ୍ପ ବିକଶିତ ବ୍ଲକ ଗୁଡିକରେ ଲୋକଙ୍କ ଜୀବନଧାରଣମାନରେ ଉନ୍ନତି ସହିତ ସେମାନଙ୍କୁ ଗୁଣାତ୍ମକ ସେବା ପ୍ରଦାନ କରାଯାଉଛି। ସେ ଆହୁରି କହିଥିଲେ, ଭାରତର ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ- ‘ଭୋକାଲ ଫର୍ ଲୋକାଲ’ ଆଜି ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। ଏହାକୁ ବାସ୍ତବ ରୂପ ଦେବା ନିମନ୍ତେ ୨୦୨୪ ମସିହାରେ ‘ଆକାଂକ୍ଷା ବ୍ରାଣ୍ଡ’ର ଶୁଭାରମ୍ଭ କରାଯାଇଛି। ମୁଁ ଅତ୍ୟନ୍ତ ଖୁସିର ସହ ଘୋଷଣା କରୁଛି ଯେ, ଏହି ଆକାଂକ୍ଷା ବ୍ରାଣ୍ଡକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ଏକ ସପ୍ତାହବ୍ୟାପୀ ଆକାଂକ୍ଷା ହାଟ ଅଭିଯାନ ଆଜିଠାରୁ ଆରମ୍ଭ କରାଯାଉଛି। ଏହି ଆକାଂକ୍ଷା ହାଟ ଅଭିଯାନ ଦ୍ୱାରା ଆମ ରାଜ୍ୟର ଦୁର୍ଗମ ତଥା ଅନୁନ୍ନତ ଅଞ୍ଚଳରେ ସ୍ଥାନୀୟ ଉତ୍ପାଦିତ ସାମଗ୍ରୀଗୁଡିକର ବଜାର ଉପଲବ୍ଧତା ବୃଦ୍ଧି ପାଇବ। ଏହା ମାଧ୍ୟମରେ ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଚାଷୀ, କାରିଗର, ବୁଣାକାର ଭାଇ ଓ ଭଉଣୀମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ହେବା ସହ ଉପଭୋକ୍ତାମାନଙ୍କୁ ସ୍ଥାନୀୟ ଉତ୍ପାଦଗୁଡ଼ିକ ସୁଲଭ ଏବଂ ସଠିକ ଦରରେ ମିଳି ପାରିବ। ଆକାଂକ୍ଷା ହାଟ ଅନ୍ତର୍ଗତ ସ୍ଥାନୀୟ ଉତ୍ପାଦଗୁଡ଼ିକୁ ରାଜ୍ୟ ତଥା ରାଜ୍ୟ ବାହାରେ ମାର୍କେଟିଙ୍ଗ୍ ନିମନ୍ତେ ଡିଜିଟାଲ୍ ଇ-ମାର୍କେଟପ୍ଲେସ୍ ଗୁଡ଼ିକରେ ମଧ୍ୟ ଉପଲବ୍ଧ କରାଯିବ। ଏହା ଦ୍ୱାରା ଏହି ଉତ୍ପାଦ ଗୁଡିକର ବଜାର ସଂଯୋଗ ଏବଂ ଉପଭୋକ୍ତା ସଂଖ୍ୟା ଆହୁରି ବ୍ୟାପକ ହୋଇ ପାରିବ। ବଜାର ଚାହିଦା ଅନୁଯାୟୀ ଉତ୍ପାଦଗୁଡ଼ିକର ମାନକ, ମୂଲ୍ୟ ନିର୍ଦ୍ଧାରଣ ଏବଂ ଉପଲବ୍ଧତା ବୃଦ୍ଧି ନିମନ୍ତେ ଆକାଂକ୍ଷା ବ୍ରାଣ୍ଡର ବ୍ୟବହାରକୁ ଅଧିକ ପ୍ରୋତ୍ସାହିତ କରାଯିବ। ସେ ପୁଣି କହିଥିଲେ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମକୁ ୨୦୧୮ ଜାନୁଆରୀ ମାସରେ ଶୁଭାରମ୍ଭ କରିଥିଲେ। ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମର ସଫଳତା ପରେ ୨୦୨୩ ଜାନୁଆରୀରେ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଥିଲା। ଓଡ଼ିଶାର ମଧ୍ୟ ୧୦ଟି ଜିଲ୍ଲାରେ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ (ଏଡିପି) ଏବଂ ୧୬ଟି ଜିଲ୍ଲାର ୨୯ଟି ବ୍ଲକରେ ଆକାଂକ୍ଷୀ • ପୃଷ୍ଠା ୭ ଦେଖନ୍ତୁ...

## ‘ପ୍ରଳୟ’ କ୍ଷେପଣାସ୍ତ୍ରର କ୍ରମାଗତ ଦୁଇଟି ସଫଳ ପରୀକ୍ଷଣ କଲା ଡିଆରଡିଓ



ନୂଆଦିଲ୍ଲୀ, ୨୯।୭ (ପିଆଇବି): ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ) ‘ପ୍ରଳୟ’ କ୍ଷେପଣାସ୍ତ୍ର ପ୍ରଣାଳୀର କ୍ରମାଗତ ଦୁଇଟି ସଫଳ ପରୀକ୍ଷଣ କରିଛି। ଓଡ଼ିଶା ଉପକୂଳସ୍ଥିତ ଡକ୍ଟର ଏପିଜେ ଅବଦୁଲ କଲାମ ଦ୍ୱୀପରୁ ଜୁଲାଇ ୨୮ ଏବଂ ୨୯ ତାରିଖ ଦୁଇ ଦିନ ଧରି ଏହି ପରୀକ୍ଷଣ କରାଯାଇଥିଲା। ସର୍ବାଧିକ ଏବଂ ସର୍ବନିମ୍ନ ଦୂରତାରେ ଏହି କ୍ଷେପଣାସ୍ତ୍ର ପ୍ରଣାଳୀର ଲକ୍ଷ୍ୟଭେଦ କ୍ଷମତାକୁ ପ୍ରମାଣିତ କରିବା ଲାଗି ବ୍ୟବହାରକାରୀ ମୂଲ୍ୟାଙ୍କନ ପରୀକ୍ଷଣର ଅଂଶବିଶେଷ ସ୍ୱରୂପ ଏହି ପରୀକ୍ଷଣ କରାଯାଇଥିଲା। କ୍ଷେପଣାସ୍ତ୍ରଗୁଡ଼ିକ ନିର୍ଦ୍ଦିଷ୍ଟ ଗତିପଥକୁ ସଠିକ୍ ଭାବରେ ଅନୁସରଣ କରିଥିଲେ ଏବଂ ସମସ୍ତ ପରୀକ୍ଷଣ ଉଦ୍ଦେଶ୍ୟ ପୂରଣ କରି ସମ୍ପୂର୍ଣ୍ଣ ସଠିକତା ସହିତ ଲକ୍ଷ୍ୟଭେଦ କରିଛନ୍ତି। ସମସ୍ତ ଉପ-ପ୍ରଣାଳୀ ଆଶା ଅନୁଯାୟୀ କାର୍ଯ୍ୟ କରିଥିଲା। ନିର୍ଦ୍ଦିଷ୍ଟ ପ୍ରଭାବ ବିନ୍ଦୁ ନିକଟରେ ଅବସ୍ଥିତ ଜାହାଜରେ ନିୟୋଜିତ ଉପକରଣଗୁଡ଼ିକ ସମେତ ସମନ୍ୱିତ ପରୀକ୍ଷଣ ଘାଟି ଦ୍ୱାରା ନିୟୋଜିତ ବିଭିନ୍ନ ଟ୍ରାକିଂ ସେନ୍ସର ଦ୍ୱାରା ସଂଗୃହିତ ପରୀକ୍ଷଣ ତଥ୍ୟ ବ୍ୟବହାର କରି ଏହାକୁ ଯାଞ୍ଚ କରାଯାଇଥିଲା। ‘ପ୍ରଳୟ’ ହେଉଛି ଏକ ସ୍ୱଦେଶୀ ଭାବରେ ବିକଶିତ କଠିନ ପ୍ରପେଲାଣ୍ଟ କ୍ୱାସି-ବାଲିଷ୍ଟିକ୍ କ୍ଷେପଣାସ୍ତ୍ରୟ ଉଚ୍ଚ ସଠିକତା ସୁନିଶ୍ଚିତ କରିବା ପାଇଁ ଏହା ଅତ୍ୟାଧୁନିକ ମାର୍ଗଦର୍ଶନ ଏବଂ ଦିଗ ନିର୍ଣ୍ଣୟ ପ୍ରଣାଳୀକୁ ବ୍ୟବହାର କରିଥାଏ। ଏହି କ୍ଷେପଣାସ୍ତ୍ର ବିଭିନ୍ନ ଲକ୍ଷ୍ୟ ବିରୁଦ୍ଧରେ ସଂଖ୍ୟାଧିକ ପ୍ରକାରର ଯୁଦ୍ଧାସ୍ତ୍ର ବହନ କରିବାକୁ ସକ୍ଷମୟ ପ୍ରତିରକ୍ଷା ଗବେଷଣା ଓ ବିକାଶ ପରୀକ୍ଷାଗାର, ଉନ୍ନତ ପ୍ରଣାଳୀ ପରୀକ୍ଷାଗାର, ଅସ୍ତ୍ରଶସ୍ତ୍ର ଗବେଷଣା ଓ ବିକାଶ ପ୍ରତିଷ୍ଠାନ, ଉଚ୍ଚ ଶକ୍ତି ସାମଗ୍ରୀ ଗବେଷଣା ପରୀକ୍ଷାଗାର, ପ୍ରତିରକ୍ଷା ଧାତୁ ଗବେଷଣା ପରୀକ୍ଷାଗାର, ଟର୍ମିନାଲ ବାଲିଷ୍ଟିକ୍ସ ଗବେଷଣା ପରୀକ୍ଷାଗାର, ଗବେଷଣା ଓ ବିକାଶ ପ୍ରତିଷ୍ଠାନ (ଇଞ୍ଜିନିୟର) ଏବଂ ଆଇଟିଆର ଇତ୍ୟାଦି ଡିଆରଡିଓର ବିଭିନ୍ନ ପରୀକ୍ଷାଗାର ଏବଂ ରିସର୍ଚ୍ଚ ସେଣ୍ଟର୍ ଇମାରତ ସମେତ ଭାରତ ଡାଇନାମିକ୍ସ ଲିମିଟେଡ, ଭାରତ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ ଏବଂ ଅନ୍ୟ ଶିଳ୍ପ ଓ ଏମଏସଏମଇ ଅଂଶୀଦାରଙ୍କୁ ନେଇ ଏହି କ୍ଷେପଣାସ୍ତ୍ର ପ୍ରଣାଳୀକୁ ବିକଶିତ କରାଯାଇଛି। ଡିଆରଡିଓର ବରିଷ୍ଠ ବୈଜ୍ଞାନିକ, ବ୍ୟବହାରକାରୀ ପ୍ରତିନିଧି ରୂପେ ଭାରତୀୟ ବାୟୁସେନା ଏବଂ ସ୍ଥଳସେନାର ବରିଷ୍ଠ ଅଧିକାରୀଙ୍କ ସହିତ ଶିଳ୍ପ ପ୍ରତିନିଧିମାନେ ଉଡ଼ାଣ ପରୀକ୍ଷଣ ଦେଖିଥିଲେ। ରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସଫଳ ଉଡ଼ାଣ ପରୀକ୍ଷଣ ପାଇଁ ଡିଆରଡିଓ, • ପୃଷ୍ଠା ୭ ଦେଖନ୍ତୁ...

## ଆଜିଠୁ ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡକୁ ଗସ୍ତରେ ଯିବେ ରାଷ୍ଟ୍ରପତି

ନୂଆଦିଲ୍ଲୀ, ୨୯।୭ (ହି.ସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାରଠାରୁ ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡକୁ ତିନି ଦିନିଆ ଗସ୍ତରେ ଯିବେ। ଏହି ସମୟ ମଧ୍ୟରେ ସେ ଅଖିଳ ଭାରତୀୟ ଚିକିତ୍ସା ବିଜ୍ଞାନ ସଂସ୍ଥାନ (ଏମ୍ସ) ଏବଂ ଭାରତୀୟ ଖଣି ସ୍କୁଲ ଭଳି ବିଭିନ୍ନ ପ୍ରତିଷ୍ଠିତ ପ୍ରତିଷ୍ଠାନର ସମାବର୍ତ୍ତନ ଉତ୍ସବରେ ଯୋଗଦେବେ। ମଙ୍ଗଳବାର ରାଷ୍ଟ୍ରପତି ଭବନ ଦ୍ୱାରା ଜାରି ଏକ ସରକାରୀ ବିବୃତିରେ କୁହାଯାଇଛି ଯେ ରାଷ୍ଟ୍ରପତି ମୁର୍ମୁ ଜୁଲାଇ ୩୦ ତାରିଖରେ ପଶ୍ଚିମବଙ୍ଗର ନାଦିଆ ଜିଲ୍ଲାର କଲ୍ୟାଣୀଠାରେ ଅବସ୍ଥିତ ଅଖିଳ ଭାରତୀୟ ଚିକିତ୍ସା ବିଜ୍ଞାନ ସଂସ୍ଥାନ (ଏମ୍ସ)ର ପ୍ରଥମ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ। ଏହା ପରେ, ସେ ଜୁଲାଇ ୩୧ ତାରିଖରେ ଝାଡ଼ଖଣ୍ଡର ଦେଓଘରଠାରେ ଅବସ୍ଥିତ ଏମ୍ସର ପ୍ରଥମ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ। ଏହି ସମାରୋହ ରାଜ୍ୟର ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ଐତିହାସିକ ମୁହୂର୍ତ୍ତ ହେବ, କାରଣ ଦେଓଘର ଏମ୍ସ ଝାଡ଼ଖଣ୍ଡର ସ୍ୱାସ୍ଥ୍ୟ ଗଠନକୁ ଏକ ନୂତନ ପରିମାଣ ପ୍ରଦାନ କରୁଛି। ତାଙ୍କ ଗସ୍ତର ଶେଷ ଦିନରେ, ଅଗଷ୍ଟ ୧ ତାରିଖରେ, ରାଷ୍ଟ୍ରପତି ଧନବାଦରେ ଅବସ୍ଥିତ ଇଣ୍ଡିଆନ୍ ସ୍କୁଲ ଅଫ୍ ମାଇନ୍ସ (ଆଇଆଇଟି ଆଇଏମଏସ୍)ର ୪୫ତମ ସମର୍ତ୍ତନ ଉତ୍ସବରେ ଉଦବୋଧନ ଦେବେ। ଆଇଆଇଟି ଆଇଏମଏସ୍ ଦେଶର ପ୍ରମୁଖ ବୈଷୟିକ ପ୍ରତିଷ୍ଠାନ ମଧ୍ୟରୁ ଗୋଟିଏ, ଯାହା ଖଣି ଏବଂ ଭୂତତ୍ୱ କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି।

## ୯ରେ କୋରାପୁଟ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯।୭ (ହି.ସ): ଆସନ୍ତା ୯ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୋରାପୁଟ ଗସ୍ତରେ ଆସିବେ। ଜୟପୁରରୁ ‘ସୁଭଦ୍ରା’ ଯୋଜନାର ତୃତୀୟ କିସ୍ତି ଟଙ୍କା ପ୍ରଦାନ କରିବେ। କୋଟିଆ ଯାଇ ବିଭିନ୍ନ ଉନ୍ନୟନମୂଳକ କାମର ସମୀକ୍ଷା କରିବେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସାମାଜିକ ଗଣମାଧ୍ୟମ ‘ଏକ୍ସ’ରେ ଏହି ସୂଚନା ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀଙ୍କ ସୂଚନା ପରେ ପ୍ରଶାସନିକ ତତ୍ପରତା ଦେଖିବାକୁ ମିଳିଛି। ନୂଆରେ ଦାୟିତ୍ୱ ଗ୍ରହଣ କରିଥିବା ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଏବଂ ବରିଷ୍ଠ ଅଧିକାରୀମାନେ ସହର ଉପକଣ୍ଠ ବାଙ୍କବିଜା ପଡ଼ିଆ ପରିଦର୍ଶନ କରିଛନ୍ତି। • ପୃଷ୍ଠା ୭ ଦେଖନ୍ତୁ...

## ଆଜି ଶ୍ରୀବିଗ୍ରହଙ୍କ ହେବ ବନକଲାଗି ନୀତି

ପୁରୀ, ୨୯।୭ (ଡିକେ ନ୍ୟୁଜ୍): ବୁଧବାର ଶ୍ରାବଣ ଶୁକ୍ଳ ଷଷ୍ଠୀ ତିଥିରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଅପରାହ୍ଣରୁ ସନ୍ଧ୍ୟା ସମୟରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ହୋଇଥାଏ। ଦତ୍ତମହାପାତ୍ର ସେବକମାନେ ଦାରୁଦିଅଁଙ୍କ ବନକଲାଗି ସେବା କରିବେ। ଏହାଦ୍ୱାରା ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗର ଶ୍ରୀବୃଦ୍ଧି ଘଟିଥାଏ। ବନକଲାଗି ପରେ ମହାସ୍ନାନ ପୂଜା ବି ପୁନଃ ଦର୍ଶନ ଆରମ୍ଭ ହେବ। ଠାକୁରଙ୍କ ବନକଲାଗି ପାଇଁ ହିଙ୍ଗୁଳ, ହରିତାଳ, ଶଙ୍ଖ, କେଶର, କର୍ପୂର, କଇଁଥ ଅଠା, କସ୍ତୁରୀ ଓ କଳା ଆଦି ଆବଶ୍ୟକ ହୋଇଥାଏ। ସେହି ଦିନର ଠାକୁରଙ୍କ ନୀତି ଅନୁସାରେ ବନକଲାଗି ଓ ଦର୍ଶନ କଟକଣା ସମୟ ସ୍ଥିର ହେବ।

## ବସକୁ ଧକ୍କା ଦେଲା ଟ୍ରକ୍, ୧୮ କାଉଡିଆ ମୃତ



ରାଞ୍ଚି, ୨୯।୭ (ହି.ସ): ମହାଦେବଙ୍କୁ ଜଳଲାଗି କରି ଫେରିବା ବେଳେ ସଡ଼କ ଦୁର୍ଘଟଣା। କାଉଡିଆ ଯାତ୍ରା ହେଲା ଶେଷଯାତ୍ରା। ଝାଡଖଣ୍ଡ ଦେଓଗଡ଼ ମହାନପୁର ଥାନା ଜାମୁନିଆ ଜଙ୍ଗଲ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। କାଉଡିଆଙ୍କୁ ନେଇ ଯାଉଥିଲା ଏକ ବସକୁ ଟ୍ରକ୍ ପିଟିଦେବା ଫଳରେ ୧୮ ଜଣଙ୍କର ମୃତ୍ୟୁ ହୋଇଛି। ମୃତ୍ୟୁସଂଖ୍ୟା ବଢିବା ଆଶଙ୍କା କରାଯାଉଛି। ୨୦ ଜଣ ଆହତ ହୋଇଛନ୍ତି। ଆହତଙ୍କ ଅବସ୍ଥା ଗୁରୁତର ରହିଛି। ଦୁର୍ଘଟଣା ନେଇ ନେଇ ସୂଚନା ଦେଇଛନ୍ତି ବିଜେପି ସାଂସଦ ନିଶିକାନ୍ତ ଦୁବେ। ଭୋର୍ ପ୍ରାୟ ୪ଟା ୩୦ମିନିଟରେ ମୋହନାପୁର ଥାନା ଜାମୁନିଆ ଜଙ୍ଗଲ ନିକଟ ରାସ୍ତାରେ ଦୁର୍ଘଟଣା ଘଟିଛି। ବାବା ବୈଦନାଥଙ୍କୁ ଜଳଲାଗି କରି କାଉଡ଼ିଆଙ୍କୁ ନେଇ ଏକ ବସ୍ ଫେରୁଥିଲା। ଗ୍ୟାସ ସିଲିଣ୍ଡର ଭର୍ତ୍ତି ଏକ ଟ୍ରକ ବସକୁ ଧକ୍କା ଦେବା ଫଳରେ ୧୮ ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ହୋଇଛି। ୨୦ ଜଣ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ପୋଲିସ୍ ଓ ଉଦ୍ଧାରକାରୀ ଦଳ ପହଞ୍ଚି ରେସକ୍ୟୁ କାର୍ଯ୍ୟ ଆରମ୍ଭ କରିଛନ୍ତି। ସ୍ଥାନୀୟ ଲୋକଙ୍କ ସହୟତାରେ ଆମ୍ବୁଲାନ୍ସରେ ଆହତଙ୍କୁ ମୋହନପୁର ସିଏଚସିକୁ ପଠାଯାଇଛି। ଜଣେ ପୋଲିସ ଅଧିକାରୀ କହିଛନ୍ତି, ଟ୍ରକଟି ବସକୁ ଏତେ ଜୋରରେ ଧକ୍କା ଦେଇଛି କି, ବସର • ପୃଷ୍ଠା ୭ ଦେଖନ୍ତୁ...

## ଆଜି ଉତକ୍ଷେପଣ ହେବ ନାସା-ଇସ୍ରୋ ମିଳିତ ଉପଗ୍ରହ ‘ନିସାର’



ନୂଆଦିଲ୍ଲୀ, ୨୯।୭ (ହି.ସ): ନାସା ଓ ଇସ୍ରୋ ଦ୍ୱାରା ମିଳିତ ଭାବରେ ବିକଶିତ ଏକ ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ ‘ନିସାର’, ଜୁଲାଇ ୩୦ରେ ସନ୍ଧ୍ୟା ୫.୪୦ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାରୁ ଉତକ୍ଷେପଣ ହେବ। ୨ ହଜାର ୩୯୨ କିଲୋଗ୍ରାମ ଓଜନ ବିଶିଷ୍ଟ, ନିସାର ଏକ ଭିନ୍ନ ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ ଏବଂ ଏହା ପ୍ରଥମଥର ପାଇଁ ଦୁଇଟି ଫ୍ରିକ୍ୱେନ୍ସିରେ ପୃଥିବୀକୁ ପର୍ଯ୍ୟବେକ୍ଷଣ କରିବ। ଏହା ନାସା ଓ ଇସ୍ରୋ ସିନ୍ଥେଟିକ୍ ଆପର୍ଚର ରାଡାର ପାଇଁ ବ୍ୟବହୃତ ହୁଏ। ନିସାର ନାସାର ଏଲ-ବ୍ୟାଣ୍ଡ ଏବଂ ଇସ୍ରୋର ଏସ-ବ୍ୟାଣ୍ଡ ଫ୍ରିକ୍ୱେନ୍ସିରେ ପୃଥିବୀକୁ ପରିକ୍ରମା କରିବ। ଗୋଟିଏ ଉପଗ୍ରହରେ ଦୁଇଟି ରାଡାର ସିଷ୍ଟମ ରଖିବା ଏକ ଅନନ୍ୟ ଇଞ୍ଜିନିୟରିଂ ସଫଳତା କାରଣ ଦୁଇଟି ସିଷ୍ଟମକୁ ହାର୍ଡୱେରର ବିଭିନ୍ନ ସେଟ୍ ଆବଶ୍ୟକ ଏବଂ ପରସ୍ପର ସହିତ ହସ୍ତକ୍ଷେପ ନକରି ପରିପୂରକ ଢଙ୍ଗରେ କାର୍ଯ୍ୟ କରିବାକୁ ପଡ଼ିଥାଏ। ପ୍ରାୟ ୧.୫ ବିଲିୟନ ଆମେରିକୀୟ ଡଲାର ମୂଲ୍ୟର ଏହି ଉପଗ୍ରହ ବିଶ୍ୱର ସବୁଠାରୁ ମହଙ୍ଗା ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ, ଇସ୍ରୋ ଏହି ସାଟେଲାଇଟ୍ ପାଇଁ ୪୬୯.୪ କୋଟି ଟଙ୍କା ପ୍ରଦାନ କରିଛି। ଏହି ଉପଗ୍ରହକୁ ଜିଏସଏଲଭି-ଏଫ୧୬ରେ ଉତକ୍ଷେପଣ କରାଯିବ ଏବଂ ଏହାକୁ ୭୩୪ କିଲୋମିଟର ଦୂର ସୂର୍ଯ୍ୟର ସମାନ କକ୍ଷପଥରେ ରଖାଯିବ। ଏହି ଉପଗ୍ରହ ପ୍ରତି ୧୨ ଦିନରେ ସମଗ୍ର ବିଶ୍ୱକୁ ସ୍କାନ କରିବ, ଯାହା ପୃଥିବୀ ପୃଷ୍ଠର ଏକ ବିସ୍ତୃତ ଚିତ୍ରର ଏକ ଶୃଙ୍ଖଳା ପ୍ରଦାନ କରିବ। ଦୁଇଟି ରାଡାର ସିଷ୍ଟମ୍ ସହିତ, ଏହି ଉପଗ୍ରହ ସମସ୍ତ ପ୍ରକାରର ପାଣିପାଗ ପରିସ୍ଥିତିରେ ଏବଂ ଦିନ ଏବଂ ରାତି ଉଭୟ ସମୟରେ ବହୁତ ଉଚ୍ଚ-ରିଜୋଲ୍ୟୁସନ୍ ତଥ୍ୟ ପ୍ରଦାନ କରିପାରିବ। ଏହି ଉପଗ୍ରହ ସମାନ ଭୂଖଣ୍ଡରେ ବାରମ୍ବାର ପର୍ଯ୍ୟବେକ୍ଷଣ ସମୟରେ ଏକ ସେଣ୍ଟିମିଟର ଆକାରର ଛୋଟ ପରିବର୍ତ୍ତନଗୁଡ଼ିକୁ କଏଦ କରିବା ପାଇଁ ଯଥେଷ୍ଟ ଶକ୍ତିଶାଳୀ। ତେଣୁ ଏହା ପୃଥିବୀ ପୃଷ୍ଠରେ ଘଟୁଥିବା ଗତିଶୀଳ ପ୍ରକ୍ରିୟାଗୁଡ଼ିକ, ଯେପରିକି ହିମବାହ, ସମୁଦ୍ର ବରଫର ଗତି, ଝଡ଼ର ପଥ, ଉଦ୍ଭିଦ ଏବଂ ଜଙ୍ଗଲରେ ପରିବର୍ତ୍ତନ ଏବଂ ଭୂମିକମ୍ପ ଓ ଆଗ୍ନେୟଗିରିର ଗତିବିଧି ଅଧ୍ୟୟନ କରିପାରିବ। ବୈଜ୍ଞାନିକମାନେ ଆଶା କରୁଛନ୍ତି ଯେ ଏହି ଉପଗ୍ରହ ଜଳବାୟୁ ପରିବର୍ତ୍ତନ କିମ୍ବା ପ୍ରାକୃତିକ ବିପଦ ଭଳି ପ୍ରକ୍ରିୟାଗୁଡ଼ିକ ବିଷୟରେ ନୂତନ ଅନ୍ତର୍ଦୃଷ୍ଟି ପ୍ରଦାନ କରିବ।

